# ତହସିଲଦାରଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା

## ନିଲାମ ଇସ୍ତିହାର

ବିଜ୍ଞପ୍ତି ସଂଖ୍ୟା: ୧୦୫୪ ତାରିଖ: 21.05.20

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଲଘୁଖଣିଜ ଖାଦାନର ଆସନ୍ତା 5 ବର୍ଷ (20-21 ରୁ 2024-25) ନିମନ୍ତେ ଲିଜପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର, ଝାରସୁଗୁଡ଼ା ଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule 2016 ର Form-M ପୂରଣ କରି ତିନି କପି ନିମ୍ନଲିଖିତ ଦଲିଲ ସଂଲଗ୍ନ କରି Sealed Cover ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯାଳୟ ରେ ତା **12.06.2020** ରିଖ ପୂର୍ବାହ୍ନ **11.00** ସୁଦ୍ଧା ତହସିଲ କାର୍ଯାଳୟ ରେ ଥିବା Drop Box ରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । Tender Box ତା **12.06.2020** ରିଖ ପୂର୍ବାହ୍ନ **11.30** ଘଟିକା ସମୟରେ ତହସିଲ କାର୍ଯାଳୟ ରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲା ଯାଇ ଲିଜ ଚୂଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକ ବାତିଲ କରାଯିବ । ଯେଉଁ ଉତ୍ସ ଗୁଡ଼ିକ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳି ନଥିବ କିମ୍ବା ଲିଜ ଚୂଡ଼ାନ୍ତ ହୋଇ ନଥିବ ସେହି ଉତ୍ସ ଗୁଡ଼ିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା **17.06.2020** ଓ ତା. **20.06.20** ପୂର୍ବାହ୍ନ 11.00 ସୁଦ୍ଧା ତହସିଲ କାର୍ଯାଳୟ ରେ ଥିବା Drop Box ରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇ, ଉକ୍ତ ଦିନ ପୂର୍ବାହ୍ନ 11.30 ଘଟିକା ସମୟରେ ପୂର୍ବ ମତେ ଖୋଲାଯିବ । ଏହାର ସବିଶେଷ ବିବରଣୀ ଜିଲ୍ଲା website "jharsuguda.nic.in" ରେ ଦିଆଯାଇଅଛି ।

ତହସିଲଦାର, ଝାରସୁଗୁଡ଼ା
21/5/2020

ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

୧. ଦରଖାସ୍ତ ଶୁଳ୍କ ସକାଶେ ଟ. ୧୦୦୦.୦୦ ( ଏକ ହଜାର ଟଙ୍କା ) ମାତ୍ର ର ଟ୍ରେଜେରୀ ଚାଲାଣ (Head of Account 0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties)।

୨ ଆବେଦନ କରିଥିବା ଜମି ର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା .।

୩) ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ପୈଠ କରିବାକୁ ନଥିବା ସମ୍ବନ୍ଧୀୟ ସତ୍ୟପାଠ .Affidavit) ।

୪. IT Returns ଏବଂ ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ ]Minimum Guaranteed Quantity X (Royalty + Additional Charges)] ଠାରୁ ଅଧିକ ହୋଇଥିବା ଆବଶ୍ୟକ।

୬. Earnest Money ପାଇଁ Demand Draft (in favour of Tahasildar, Jharsuguda) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Addl. Charge) ଏବଂ Royalty (ଏକ ବର୍ଷ) ର ୫% ଠାରୁ କମ୍ ହୋଇନଥିବ । [EMD = 5% of {Minimum Guaranteed Quantity X (Royalty + Additional Charges)}]

Scanned with CamScanner

# ସର୍ତ୍ତାବଳୀ

୧ .ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ –OMMC Rules-2016 ର ପରିସର ଭୁକ୍ତ ରହିବେ ।

୨ .ଲିଜ୍ ରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଉତ୍ସଗୁଡ଼ିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧାଗଛିତ ଥିବା , ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ ।ଲିଜଧାରୀ ରାସ୍ତାଘାଟ ଏବଂ ଗମନାଗମନ ସୁବିଧା ପାଇଁ ନିଜେ ଦାୟୀ ରହିବେ । ଲିଜ୍ ନେବା ପରେ ସୈରାତ ଚଲାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ, ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ଓ ଅତିରିକ୍ତ ଦେୟର (Additional Charge) ମୂଲ୍ୟଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅନ୍ୟୁନ ରୟାଲଟି ହାର 1 Cum ପ୍ରତି ମୁରୁମ ଟ. 35.00 ଏବଂ 1 Cum ମୁରୁମ ପ୍ରତି ଅତିରିକ୍ତ ଦେୟ (Additional Charge) ଟ. 10.00 ।

୪. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟ (Additional Charges) ର ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍ ଧାରୀଙ୍କୁ ଚୟନ କରାଯିବ ।

୫ .ଯଦି ସର୍ବାଧିକ ରୟାଲଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲଟି ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୬. ଲିଜ୍ ନିମନ୍ତେ ଯୋଗ୍ୟ ଦରଖାସ୍ତକାରୀ ସୈରାତ ଉତ୍ସର ବାର୍ଷିକ ଦେୟ [Minimum Guaranteed Quantity X (Royalty + Additional Charge)] + Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି ଲିଜ ଚୁଡାନ୍ତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହିନ ଅମାନତ ରାଶି (Security) ହିସାବରେ ରଖାଯିବ ।

୭ ବିବେଚିତ ନିଲାମ ଡକାଳି .୦୩ ମାସ ସମୟସୀମା ମଧ୍ୟରେ Mining Plan Form-O ଓ Environment Clearance ଦାଖଲ କରିବେ ଏବଂ ଚୁକ୍ତି ସ୍ୱାକ୍ଷର କରିବେ ।

୮ .Mining Plan ଟି Form-O ରେ ଅନୁମୋଦିତ ହେବା ଆବଶ୍ୟକ ଓ Environment Clearance ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦିତ ହେବା ବିଧେୟ । 14.09.2006 ତା 1533

୯ .Environment Clearance ମଂଜୁରୀ ପରେ ଲିଜ୍ ଧାରୀ ଏକ ବର୍ଷ ପାଇଁ Royalty, Surface Rent, Royalty ର ୫ %EMF, Royalty ର ୧୦% District Mineral Foundation (DMF) ଏବଂ Royalty ର ୨ %TDS ବାବଦକୁ ରାଶି ପୈଠ କରିବେ । ସଂପୂର୍ଣ ରାଶି ପୈଠ ହେଲା ପରେ ଲିଜ୍ ଧାରୀ ରେଜିଷ୍ଟ୍ରେଷନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୯୯୯ ଅନୁଯାୟୀ ଚୁକ୍ତି ପତ୍ର ସଂପାଦନ କରିବେ ।

୧୦ .ଦରଖାସ୍ତକାରୀ Mines Act 1952 ଓ Explosive Act 1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୧ .ଲିଜ୍ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ ଡିସପ୍ଲେ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ ।

୧୨ .ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ୍ ଧାରୀ ମାନେ ଆନୁପାତିକ ଭାବେ ବହନ କରିବେ ।

Scanned with CamScanner

୧୩. Reserve Assessment Report, Mining Plan ଏବଂ Environmental Clearance ବାବଦକୁ ଖର୍ଚ୍ଚ ଲିଜଧାରୀ ନିଜେ ବହନ କରିବେ ।

୧୪ ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ .। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ୍ ଧାରୀ ସୈରାତ ଉପରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।

୧୫ ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ .ଦିବସରେ ଦେଖିପାରିବେ। ଏହା ବ୍ୟତିତ ଇସ୍ତିହାରର ସମସ୍ତ ବିବରଣୀ ଜିଲ୍ଲା ୱେବ୍ ସାଇଟ www.jharsuguda.nic.in ରେ ମଧ୍ଧ ଦେଖିପାରିବେ ।

୧୬. ଯଦି ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି

୧ ୭ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବେ .।

୧୮ ନିଲାମଧାରୀମାନେ OMMC Rules-2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ ।

୧୯. ସର୍ବନିମ୍ନ ନିଶ୍ଚିତ ପରିମାଣ ଏବଂ ଉତ୍ସ ର ରକବା ମାଇନିଂ ପ୍ଲାନ ଅନୁସାରେ ପରିବର୍ତ୍ତନ ହୋଇପାରେ ।

୨୦. ଯେକୌଣସି ମୁହୂର୍ତ୍ତରେ ଯଦି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜଧାରୀ ନିୟମକୁ ମାନିବାକୁ ବାଧ୍ୟହେବେ ।

## ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ର. ନଂ. | ସଇରାତ ମୋକଦ୍ଦମା ନଂ. | ସଇରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକର) | ଅତିରିକ୍ତ ଦେୟ ପ୍ରତି ଘନ ମିଟର | ସର୍ବନିମ୍ନ ନିଶ୍ଚିତ ପରିମାଣ (ଘନ ମି. ) | ଅଗ୍ରିମ ସୁରକ୍ଷା ଜମା ଟଙ୍କା |
|---|---|---|---|---|---|---|---|---|---|---|
| 1 | 11/2019 | ଲୋଇସିଂହ ମୁରୁମ ଖାଦାନ | ଲୋଇସିଂହ | 62 | 90(P) | ପତିତ | 6.30 | ଟ 10.00 | 1000 | ଟ 2250.00 |
| 2 | 12/2019 | ଯୁନାନୀ ମୁଣ୍ଡା ମୁରୁମ ଖାଦାନ | ଯୁନାନୀ ମୁଣ୍ଡା | 15 | 102 (P) | ପତିତ | 1.00 | ଟ 10.00 | 1000 | ଟ 2250.00 |
| 3 | 13/2019 | ଭୁରକୁଣ୍ଡ ମୁରୁମ ଖାଦାନ | ଭୁରକୁଣ୍ଡ | 1 | 1 (P) | ପତିତ | 2.50 | ଟ 10.00 | 1000 | ଟ 2250.00 |

ଜ୍ଞାପକ ସଂଖ୍ୟା: 1049 ତା: 21-05-2020

ଏହାର ଏକକିତା ନକଲ ଜିଲ୍ଲାପାଳ, ଝାରସୁଗୁଡ଼ା/ଉପ- ଜିଲ୍ଲାପାଳ, ଝାରସୁଗୁଡ଼ା / ଝାରସୁଗୁଡ଼ା ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ କାର୍ଯାଳୟ / ଝାରସୁଗୁଡ଼ା ର ସମସ୍ତ ତହସିଲ କାର୍ଯାଳୟ / ଝାରସୁଗୁଡ଼ା ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ତାଙ୍କର ସୁଚନା ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୁଚନା ଅଧିକାରୀ ଝାରସୁଗୁଡ଼ା ଜିଲ୍ଲା ୱେବ ସାଇଟରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଝାରସୁଗୁଡ଼ା
21/05/2020

Scanned with CamScanner